# ତହସିଲ କାର୍ଯ୍ୟାଳୟ, ନାଉଗାଁ

ବିଜ୍ଞାପନ ସଂଖ୍ୟା ୧୪୦୧ ତାରିଖ ୨୪/୧୧/୨୦୨୦

## ଲଘୁ ଖଣିଜ ଉତ୍ସ ଦୀର୍ଘ ମିଆଦି ଲିଜ ନିମନ୍ତେ ଇସ୍ତାହାର

ଏତଦ୍ଵାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଓଡିଶା ସରକାରଙ୍କ ରାଜସ୍ୱ ବିଭାଗ ଅଧିନସ୍ଥ ନାଉଗାଁ ତହସିଲ ଅନ୍ତର୍ଗତ ନିମ୍ନ ଲିଖିତ ସୈରାତ ଉତ୍ସ (ଲଘୁ ଖଣିଜ ଦ୍ରବ୍ୟ) ଗୁଡିକର ଆସନ୍ତା ୫ ବର୍ଷ ନିମନ୍ତେ ୨୦୨୦-୨୧ ଆର୍ଥିକ ବର୍ଷ ଠାରୁ ୨୦୨୪-୨୫ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ଲିଜ ପାଇଁ ଦରଖାସ୍ତ ଗ୍ରହଣ କରାଯାଉଅଛି । ଇଚ୍ଛୁକ ବ୍ୟକ୍ତି ବିଶେଷ OMMC Rules-2016 ଅନୁଯାୟୀ FORM-M ପୂରଣ କରି ତିନି କପି ସହ ନିମ୍ନଲିଖିତ ଆବଶ୍ୟକୀୟ ଦସ୍ତାବିଜ ସଲଗ୍ନ କରି ଜଉମୁଦ ଲଫାଫାରେ Registered Post / Speed Post ଜରିଆରେ ତହସିଲଦାର ନାଉଗାଁଙ୍କ ଠିକଣାରେ ଆସନ୍ତା ତା.୧୬.୧୨.୨୦୨୦ ରିଖ ଠାରୁ ଧାର୍ଯ୍ୟ ନିଲାମ ତାରିଖର ଅପରାହ୍ନ ୧ ଘଟିକା ପର୍ଯ୍ୟନ୍ତ ଦରଖାସ୍ତ କରିପାରିବେ କିମ୍ବା ଦରଖାସ୍ତକାରୀ ସିଧାସଳଖ (ଛୁଟି ଦିନ ବ୍ୟତୀତ) ତହସିଲରେ ଜଉମୁଦ ଦିଆଯାଇ ରଖାଯାଇଥିବା ଟେଣ୍ଡର ବାକ୍ସରେ ଜଉମୁଦ ଲଫାପା ପକାଇ ପାରିବେ । ଲଫାଫା ଉପରେ ସୈରାତ ଉତ୍ସର ନାମ ଓ ସୈରାତ କେସ ର କ୍ରମିକ ସଂଖ୍ୟା ଲେଖା ଥିବା ଆବଶ୍ୟକ । ନିଲାମ ଧାର୍ଯ୍ୟ ତାରିଖର ଅପରାହ୍ନ ୧ ଘଟିକା ପରେ ପ୍ରାପ୍ତ ହୋଇଥିବା ଦରଖାସ୍ତ ଗୁଡିକୁ ବିଚାରକୁ ନିଆଯିବ ନାହିଁ । କୌଣସି କାରଣ ନଦର୍ଶାଇ ନିଲାମକୁ ସ୍ଥଗିତ / ରଦ୍ଦ କରିବାର କ୍ଷମତା କ୍ଷମତାପ୍ରାପ୍ତ ଅଧିକାରୀ ଓ ଜିଲ୍ଲାପାଳ, ଜଗତସିଂହପୁରଙ୍କ ଅଧିକାର ରହିଅଛି । ତା.୧୬.୧୨.୨୦୨୦ ରିଖ ଅପରାହ୍ନ ୩ ଘଟିକା ସମୟରେ ଲିଜ ଦରଖାସ୍ତକାରୀ କିମ୍ବା ତାଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ଦରଖାସ୍ତ ଗୁଡିକ ନିଲାମ ନିମନ୍ତେ ତନଖି କରାଯିବ । ଯଦି କୌଣସି ଉତ୍ସ ଉପରୋକ୍ତ ଦିନ କୌଣସି କାରଣରୁ ନିଲାମ ହୋଇନପାରେ ତେବେ ତା.୨୨.୧୨.୨୦୨୦ ରିଖ ର ଅପରାହ୍ନ ୧ ଘଟିକା ପର୍ଯ୍ୟନ୍ତ ପୁନର୍ବାର Registered Post / Speed Post / ଟେଣ୍ଡର ବାକ୍ସ ମାଧ୍ୟମରେ ଦରଖାସ୍ତ ଗ୍ରହଣ କରାଯିବ ଏବଂ ଅପରାହ୍ନ ୩ ଘଟିକା ସମୟରେ ଲିଜ ଦରଖାସ୍ତକାରୀ କିମ୍ବା ତାଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ଦରଖାସ୍ତ ଗୁଡିକ ନିଲାମ ନିମନ୍ତେ ତନଖି କରାଯିବ । ସେହିପରି ଯଦି କୌଣସି ଉତ୍ସ ଉପରୋକ୍ତ ଦିନ କୌଣସି କାରଣରୁ ନିଲାମ ହୋଇନପାରେ ତେବେ ତା.୩୦.୧୨.୨୦୨୦ ରିଖ ର ଅପରାହ୍ନ ୧ ଘଟିକା ପର୍ଯ୍ୟନ୍ତ ପୁନର୍ବାର Registered Post / Speed Post / ଟେଣ୍ଡର ବାକ୍ସ ମାଧ୍ୟମରେ ଦରଖାସ୍ତ ଗ୍ରହଣ କରାଯିବ ଏବଂ ଅପରାହ୍ନ ୩ ଘଟିକା ସମୟରେ ଲିଜ ଦରଖାସ୍ତକାରୀ କିମ୍ବା ତାଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ଦରଖାସ୍ତ ଗୁଡିକ ନିଲାମ ନିମନ୍ତେ ତନଖି କରାଯିବ । ଲିଜ ପାଇଁ ଉର୍ଦ୍ଦିଷ୍ଟ ଲଘୁ ଖାଦାନ (ବାଲି ସୈରାତ ଉତ୍ସ)ର ବିସ୍ତୃତ ବିବରଣୀ Annexure-I ରେ ଦିଆଯାଇଛି ।